No. of Printed Pages : 3

**FOR-01**

# BDP / BCA / BTS

## Term-End Examination

## February, 2021

## FOR-01 : FOUNDATION COURSE IN ODIA

*Time : 2 hours* *Maximum Marks : 50*

---

*This paper has 8 questions. **All** questions are compulsory.*

**1.** ଯେ କୌଣସି ***ତିନିଗୋଟି*** ପ୍ରଶ୍ନର ଉତ୍ତର ଦିଅ : *3×5=15*

(କ) କୌଣସି ଉକ୍ତି ବାକ୍ୟ ପଦବାଚ୍ୟ ହେବା ପାଇଁ କେଉଁ କେଉଁ ଗୁଣସଂପନ୍ନ ହେବା ଉଚିତ ଲେଖିବା ସହ ବାକ୍ୟର ପ୍ରକାର ଭେଦ ଉଦାହରଣ ସହ ଦର୍ଶାଅ ।

(ଖ) ରୂଢ଼ି ଓ ପ୍ରବଚନ ମଧ୍ୟରେ ଥିବା ପାର୍ଥକ୍ୟକୁ ପାଞ୍ଚଟି ଉଦାହରଣ ସହ ବୁଝାଅ ।

(ଗ) ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ଗୋପବନ୍ଧୁ ଦାସଙ୍କ ଭୂମିକା ନିର୍ଣ୍ଣୟ କର ।

(ଘ) 'ବାପୁଜୀ' ଏକାଙ୍କିକାର ଅନୁସରଣରେ ବିକଶିତ ଭାରତବର୍ଷ ପାଇଁ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ଓ ବିଗ୍ରହ ବର୍ଣ୍ଣନା କର ।

(ଙ) ଉତ୍ତୀର୍ଣ୍ଣ ଅନୁବାଦର କଳା ସଂପର୍କରେ ବୁଝାଇ ଲେଖ ।

**2.** ସଂକ୍ଷେପରେ ***ପାଞ୍ଚଟି*** ପ୍ରଶ୍ନର ଉତ୍ତର ଦିଅ : *5×2=10*

(କ) ଶ୍ରୀ ଜଗନ୍ନାଥ ଧର୍ମ ଓ ଦର୍ଶନ ବିଶ୍ୱ ସମକ୍ଷରେ କି ଆଦର୍ଶ ଉପସ୍ଥାପନ କରିଥାଏ ?

(ଖ) ବ୍ରିଟିଶ ଶାସକ ବିରୋଧରେ ଅସହଯୋଗ ଆନ୍ଦୋଳନ କେଉଁ ପଦ୍ଧତିରେ ପରିଚାଳିତ ହୋଇଥିଲା ?

(ଗ) ଲୋକ ସାହିତ୍ୟ ଓ ବିଦଗ୍ଧ ସାହିତ୍ୟ ମଧ୍ୟରେ ମୌଳିକ ପାର୍ଥକ୍ୟ କ'ଣ ?

(ଘ) ଓଡ଼ିଶାର ମନ୍ଦିର ନିର୍ମାଣ ଶୈଳୀର ସ୍ୱାତନ୍ତ୍ର୍ୟ ଦର୍ଶାଅ ।

(ଙ) ଓଡ଼ିଶାର ପାରଂପରିକ ଚିତ୍ରକଳାର ସ୍ୱରୂପ ଲେଖ ।

(ଚ) ପଞ୍ଚସଖାଙ୍କୁ କାହିଁକି 'ପ୍ରଚ୍ଛନ୍ନ ବୌଦ୍ଧ' କୁହାଯାଏ ?

(ଛ) କିଏ କେଉଁ ନଦୀକୁ ଉତ୍କଳ–ଲକ୍ଷ୍ମୀଙ୍କର 'ସୁବର୍ଣ୍ଣମେଖଳା' ବୋଲି ଉଲ୍ଲେଖ କରିଛନ୍ତି ?

**3.** ଶୂନ୍ୟସ୍ଥାନ ପୂରଣ କର : *5×1=5*

(କ) ଓଡ଼ିଶାର ସୁପ୍ରସିଦ୍ଧ କବି ରାଧାନାଥ ନିଜ କାବ୍ୟରେ __________ ଦୁର୍ଗର ଗୌରବ ବର୍ଣ୍ଣନା କରିଛନ୍ତି ।

(ଖ) ବର୍ତ୍ତମାନର ବିଡ଼ାନାସୀ ପୂର୍ବେ ____________ ନାମରେ ପରିଚିତ ଥିଲା ଏବଂ କଟକ ଠାରୁ ______________ ନଥିଲା ।

(ଗ) ବାରବାଟୀ ଦୁର୍ଗ ମଧ୍ୟରେ ଥିବା ପ୍ରାସାଦର __________ ମହଲା ଶିଳ୍ପୀମାନଙ୍କ ବସବାସ ପାଇଁ ନିର୍ଦ୍ଦିଷ୍ଟ ଥିଲା ।

(ଘ) ବାରବାଟୀ ଦୁର୍ଗ ଥିଲା ଇତିହାସ ପ୍ରସିଦ୍ଧ ବୀରମାନଙ୍କର ____________ ।

(ଙ) ଉନ୍ନତିର __________ ସୀମାରେ ଅବସ୍ଥାନ କରି ବାରବାଟୀ ପାର୍ଶ୍ୱରେ ପ୍ରବାହିତ ଚିତ୍ରୋତ୍ପଳା ନଦୀରେ ___________ ସ୍ୱମୁଖ ନିରୀକ୍ଷଣ କରୁଥିଲା ।

**4.** ସନ୍ଧି ବିଚ୍ଛେଦ କର (୪ଟି) : *4*

ଉଲ୍ଲାସ, ଦିଗ୍‌ବିଜୟ, ଦିଗନ୍ତ, ପର୍ଯ୍ୟନ୍ତ, ପବନ, ପ୍ରତ୍ୟର୍ପଣ

**5.** ବ୍ୟାସବାକ୍ୟ ସହ ସମାସର ନାମ ଲେଖ (୪ଟି) : *4*

ଆତ୍ମବିଶ୍ୱାସ, ଦ୍ୱିପ୍ରହର, ପୂର୍ଣ୍ଣଚନ୍ଦ୍ର, ଅମଙ୍ଗଳ, ସିଂହଦ୍ୱାର, ଦଶାନନ

**6.** ଭ୍ରମ ସଂଶୋଧନ କର (୪ଟି) : *4*

ଦୁର୍ବିର୍ପାକ, ଉଜ୍ଜ୍ୱଳ, ଐତିହ୍ଣ, ଗରିୟସି, ନିଶିଥ, ଦ୍ୱନ୍ଦ

**7.** ବିପରୀତାର୍ଥବୋଧକ ଶବ୍ଦ ପ୍ରକାଶ କର (୪ଟି) : *4*

ପ୍ରସାରଣ, ସୂକ୍ଷ୍ମ, ଅନୁକୂଳ, କୁତ୍ସିତ, ଆସକ୍ତ, ଉନ୍ନତ

**8.** ପ୍ରତ୍ୟୟ ନିର୍ଣ୍ଣୟ କର (୪ଟି) : *4*

ସାମ୍ୟ, ଭୃତ୍ୟ, ପ୍ରତ୍ୟୟ, ପାଠନ, ଗତି, ନୈତିକ

---